# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 3 April - 2026

---

# ଜନଗଣନା

ରାଜ୍ୟରେ ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ସରକାରଙ୍କ ପକ୍ଷରୁ ଜନଗଣନା କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଅନ୍ୟତ୍ର ବଦଳି ନ କରିବାକୁ  ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜନଗଣନା ପ୍ରକ୍ରିୟା ଦୁଇଟି ପର୍ଯ୍ୟାୟରେ ଡିଜିଟାଲ ମାଧ୍ୟମରେ ସଂପନ୍ନ କରାଯିବ । ପ୍ରଥମ ପର୍ଯ୍ୟାୟ ସ୍ୱ-ଜନଗଣନା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ପରବର୍ତ୍ତୀ ସମୟରେ ଗୃହ ତାଲିକା ଓ ଆବାସ ଜନଗଣନା ୧୬ ତାରିଖଠାରୁ ଆରମ୍ଭ ହୋଇ ମଇମାସ ୧୫ ତରିଖ ପର୍ଯ୍ୟନ୍ତ ଚାଲିବ ।

# ଶିକ୍ଷକ-ନିୟମିତ

ରାଜ୍ୟର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କ ନିୟମିତ ଚାକିରୀ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବର୍ଗର ଶିକ୍ଷକମାନେ ସେମାନଙ୍କର ଚାକିରୀରେ ଯୋଗଦାନ ଦିନଠାରୁ ନିୟମିତ କରାଯାଇଥିବା ଏବଂ ପ୍ରାଥମିକ କ୍ୟାଡର ଲେଭୁଲ୍ ଭି-ଏ  ସହକାରୀ ଶିକ୍ଷକ ଭାବେ ମାନ୍ୟତା ପ୍ରଦାନ ନେଇ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । କନିଷ୍ଠ ଶିକ୍ଷକମାନେ

୨୦୨୫ ମସିହା ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଦରମା ପାଇବେ ନାହିଁ । ଏହାପରଠାରୁ ଏହି ବର୍ଗର ଶିକ୍ଷକମାନଙ୍କୁ ସଂପୂର୍ଣ୍ଣ ଦରମା ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

## ସକାଳୁଆ ସ୍କୁଲ୍

ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ପକ୍ଷରୁ ସକାଳୁଆ ସ୍କୁଲ୍ ନେଇ ବିଜ୍ଞପ୍ତି ଜାରି କରାଯାଇଛି । ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟରେ ଏହି ନିୟମ ଲାଗୁ ହୋଇଛି । ସକାଳ ୬ଟା ୩୦ ମିନିଟ୍‌ରୁ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବିଦ୍ୟାଳୟରେ ପାଠପଢ଼ା ହେବ ।

## ଓଡ଼ିଆ ପକ୍ଷ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ଓ ପ୍ରସାର କରିବାପାଇଁ ଚଳିତ ମାସ ପହିଲାରୁ ଆରମ୍ଭ ହୋଇଥିବା 'ଓଡ଼ିଆ ପକ୍ଷ'ର ତୃତୀୟ ଦିନରେ ଆଜି 'ଆମ ପୋଷାକ, ଆମ ପରିଚୟ' ଦିବସ ପାଳନ କରାଯାଉଛି । ରାଜ୍ୟର ହସ୍ତତନ୍ତ ପୋଷାକର ପ୍ରଦର୍ଶନ ସହିତ ସାଧାରଣ ନାଗରିକ ଓ ସରକାରୀ ଅଫିସ୍ କର୍ମଚାରୀମାନଙ୍କୁ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଉତ୍ସାହିତ କରାଯାଉଛି ।

ଗଞ୍ଜାମ ଜିଲ୍ଲାରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଏବଂ ଲୋକମାନେ ପାରମ୍ପରିକ ପୋଷାକ ପରିଧାନ କରି ହସ୍ତତନ୍ତର ପ୍ରଚାର ପ୍ରସାର ଦିଗରେ ଓଡ଼ିଆ ପକ୍ଷ ୱେବ୍‌ସାଇଟ୍‌ରେ ଫଟୋ ଅପ୍‌ଲୋଡ଼ କରି ଡିଜିଟାଲ ସାର୍ଟିଫିକେଟ୍ ପାଇଛନ୍ତି ।

ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଦ୍ଵାରା ପରିଚାଳିତ ବୟନିକା, ଉତ୍କଳିକା, ଅମ୍ଳାନ ଓ ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି ।

## ଗୁଡ୍ ଫ୍ରାଇଡେ

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣ କରି ବିଶ୍ୱର କୋଣ ଅନୁକୋଣରେ ଆଜି ଶୁଭ ଶୁକ୍ରବାର – ଗୁଡ୍ ଫ୍ରାଇଡେ ପାଳନ କରାଯାଉଛି । ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଭାଇଭଉଣୀମାନେ ଆନନ୍ଦ ଉଲ୍ଲାସର ସହିତ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ଧାର୍ମିକ ଚିନ୍ତାଧାରା ଏବଂ ପବିତ୍ର ବାର୍ତ୍ତାକୁ ସମାଜରେ ପ୍ରସାରିତ କରିବାପାଇଁ ଆଜିର ଦିନରେ ଆଗେଇ ଆସିଥାନ୍ତି । ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବାର୍ତ୍ତା ସମାଜରେ ଲୋକଙ୍କର ଦୁଃଖରୁ ମୁକ୍ତି ଦେବାରେ ସମର୍ପିତ ଥିଲା ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁଡ୍ ଫ୍ରାଇଡେ ଅବସରରେ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାକୁ ଆହ୍ୱାନ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭ ଶୁକ୍ରବାରର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।

## ଲଙ୍କାପୋଡ଼ି ନୀତି

ପୁରୀ ଶ୍ରୀକ୍ଷେତ୍ରରେ ରାମନବମୀଠାରୁ ଚାଲିଥିବା ୯ଶହ ବର୍ଷରୁ ଅଧିକ ପୁରୁଣା ଉତ୍କଳୀୟ ସଂସ୍କୃତିର ନିଦର୍ଶନ ସ୍ୱରୂପ ସାହିଯାତ ଉତ୍ସବର ଶେଷଦିନରେ ଆଜି ଲଙ୍କାପୋଡ଼ି ନୀତି ଅନୁଷ୍ଠିତ ହେବ । ପରମ୍ପରା ଅନୁସାରେ ପୁରୀ ଦୋଳମଣ୍ଡପ ସାହି ପକ୍ଷରୁ ଜଗନ୍ନାଥ ବଲ୍ଲଭ ମଠ

ପରିସରରେ ସ୍ୱତନ୍ତ୍ର ନୀତି ସମ୍ପାଦନ କରାଯିବ । ଦୋଳମଣ୍ଡପ ସାହିରୁ ରାବଣ ମେଢ଼ ବାହାରିବା ସହ ବାଦୀସାହି ପରିକ୍ରମା କରିସାରି ବିଳମ୍ବିତ ରାତିରେ ଲଙ୍କାପୋଡ଼ି ନୀତି ସମାପନ କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଖୋର୍ଦ୍ଧା ରେଳମଣ୍ଡଳ

ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ଗତ ଆର୍ଥିକବର୍ଷରେ ସର୍ବକାଳୀନ ଟ୍ରାଫିକ୍ ଓ ପଣ୍ୟ ପରିବହନ କରି ରେକର୍ଡ କରିଛି । ପୂର୍ବବର୍ଷ ତୁଳନାରେ  ୧୭୬ ଦଶମିକ ୧/୧ ନିୟୁତ ଟନ୍ ପଣ୍ୟ ପରିବହନ କରିଛି, ଯାହାକି ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୭ ଦଶମିକ ୫ ପ୍ରତିଶତରୁ ଅଧିକ । ଗତ ଆର୍ଥିକବର୍ଷରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ୧୫ ହଜାର ୯୪୧ କୋଟି ଟଙ୍କା ଆଦାୟ ହୋଇଥିବା ଜଣାପଡ଼ିଛି ।

## ପଶୁପକ୍ଷୀଙ୍କ ଅଚାନକ ମୃତ୍ୟୁ

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବାମୁଣୀ ଗାଁ ଅଞ୍ଚଳରେ ଗୃହପାଳିତ ପଶୁ ଓ ପକ୍ଷୀଙ୍କର ଅଚାନକ ମୃତ୍ୟୁ ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି । ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତ ପଶୁପକ୍ଷୀମାନଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି ।

# ପାଣିପାଗ

ରାଜ୍ୟର ପଶ୍ଚିମ ଭାଗ ସହିତ ଉପକୂଳ ଅଞ୍ଚଳର ଜିଲ୍ଲାଗୁଡ଼ିକରେ ତାପମାତ୍ରା ବୃଦ୍ଧି ପାଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଗତକାଲି ଝାରସୁଗୁଡ଼ା ଓ ଟିଟିଲାଗଡ଼ର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା । ଉପକୂଳ ଅଞ୍ଚଳଗୁଡ଼ିକର ବାୟୁରେ ଆର୍ଦ୍ରତା ୮୦ ପ୍ରତିଶତରୁ ଅଧିକ ଥିବାରୁ ଅଧିକ ଗୁଳୁଗୁଳି ଅନୁଭୂତ ହେଉଛି । ପାଣିପାଗ ବିଭାଗର ଅନୁମାନ ଅନୁସାରେ, ଆସନ୍ତାକାଲିଠାରୁ କାଳବୈଶାଖୀ ପ୍ରଭାବରେ ଦକ୍ଷିଣ, ପଶ୍ଚିମ ଜିଲ୍ଲାଗୁଡ଼ିକରେ ବଜ୍ରପାତ ସହିତ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି ।